# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 August - 2024

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭା ଉପନିର୍ବାଚନରୁ ପ୍ରାର୍ଥୀତ୍ୱ ପ୍ରତ୍ୟାହାର କଲେ ଜଗନ୍ନାଥ ପ୍ରଧାନ

— ଶାସକ ଦଳର ପ୍ରାର୍ଥୀ ମମତା ମହନ୍ତ ରାଜ୍ୟସଭାକୁ ଯିବା ନିଶ୍ଚିତ

- ୩ ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଣ ନେଇ କୌଣସି ଘୋଷଣା ଏପର୍ଯ୍ୟନ୍ତ ହୋଇନାହିଁ; କହିଲେ, ବିଭାଗୀୟ ମନ୍ତ୍ରୀ
- ବାର୍ଡ-ଫ୍ଲୁ ରୋକିବା ପାଇଁ ପୁରୀ ଏବଂ ଗଞ୍ଜାମ ଜିଲ୍ଲାରେ ନିଆଯାଉଛି ପ୍ରତିଷେଧମୂଳକ ପଦକ୍ଷେପ
- ପୁରୀ ଶ୍ରୀମନ୍ଦିରରେ ନବୋତ୍ସବ ପାଳନ ପାଇଁ ଚାଲିଛି ପ୍ରସ୍ତୁତି;

ଏବଂ

- ରାଜ୍ୟରେ ପ୍ରବଳ ବର୍ଷା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ରାଜ୍ୟସଭା ଉପନିର୍ବାଚନ

ଶାସକ ଦଳର ପ୍ରାର୍ଥୀ ମମତା ମହନ୍ତ ରାଜ୍ୟସଭାକୁ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ରାଜ୍ୟସଭା ଉପନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଗନ୍ନାଥ ପ୍ରଧାନ ଆଜି ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନ ସୁଦ୍ଧା ଶାସକ ଦଳ ପ୍ରାର୍ଥୀଭାବେ ମମତା ମହନ୍ତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଜଗନ୍ନାଥ ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଥିଲେ। ଜଗନ୍ନାଥ ପ୍ରଧାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଆସନ୍ତା ୩ ତାରିଖରେ ହେବାକୁ ଥିବା ମତଗ୍ରହଣର ଆବଶ୍ୟକତା ପଡିବ ନାହିଁ ବୋଲି ଜଣାପଡିଛି।

## ବିଧାନସଭା-୧

ବିଧାନସଭାର ଶୂନ୍ୟକାଳରେ ଆଜି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାକୁ ନେଇ ଉଭୟ ଶାସକ ଏବଂ ବିରୋଧି ବିଜେଡି ଦଳର ସଦସ୍ୟମାନେ ପରସ୍ପର ଉପରେ ଆରୋପ-ପ୍ରତ୍ୟାରୋପ କରିଥିଲେ। ଏହି ପ୍ରସଙ୍ଗ ଉଠାଇ ବିଜେଡ଼ି ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ରାଜ୍ୟର ୩୧୪ଟି ବ୍ଲକ୍‌ରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଅଧିନରେ ନିର୍ମାଣାଧିକ ପ୍ରକଳ୍ପ କାର୍ଯ୍ୟଗୁଡ଼ିକକୁ ବନ୍ଦ କରି ଦିଆଯାଇଛି। ଏପରିକି ନିର୍ମାଣକାର୍ଯ୍ୟ ସରିଥିବା ପ୍ରକଳ୍ପଗୁଡ଼ିକର ବିଲ୍ ଅର୍ଥ ପ୍ରଦାନ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଯୋଜନାର

କାର୍ଯ୍ୟକାରିତା ନେଇ ସରକାର ନିଷ୍ପତ୍ତି ଗ୍ରହଣ କରିବାକୁ ସେ ଦାବି କରିଥିଲେ।

ଏହାର ପ୍ରତି ଉତ୍ତରରେ ଶାସକ ଦଳ ସଦସ୍ୟ ମାନସ ଦତ୍ତ କହିଥିଲେ, ଏହି ଯୋଜନା ଅଧିନରେ ଅନେକ ହେରଫେର ହୋଇଥିବା ଜଣାପଡିଛି। ଏପରିକି ବ୍ୟକ୍ତିଗତ ମାଲିକାନାରେ ଥିବା ଘରକୁ ମଧ୍ୟ ଏହି ଯୋଜନା ଅଧିନରେ ରାସ୍ତା ସଂଯୋଗ କରାଯାଇଛି ବୋଲି ସେ କହିଥିଲେ। ପ୍ରକଳ୍ପର ସ୍ଥିତି ରିପୋର୍ଟ ନଥାଇ ବିଲ୍ ଅର୍ଥ ପ୍ରଦାନ କରିବାକୁ ବାଧ୍ୟ କରାଯାଉଛି ବୋଲି ସେ କହିଥିଲେ। ଫାଇଭ୍-ଟି ନା'ରେ ଅନେକ ଅଯଥା ପ୍ରକଳ୍ପକୁ  ମାନ୍ୟତା ପ୍ରଦାନ କରାଯାଉଥିଲା ବୋଲି ସେ କହିଥିଲେ।

## ବିଧାନସଭା-୨

ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଏବଂ ଜାତିଭିତ୍ତିକ ଜନଗଣନା ଦାବିରେ ଆଜି ବିରୋଧୀ ଦଳ ସଦସ୍ୟମାନେ  ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ ଚାଲିପାରି ନଥିଲା। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଉଭୟ ପ୍ରସଙ୍ଗ ନେଇ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ ଆରମ୍ଭ କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ବିଜେଡିର ଅଧିରାଜ ପାଣିଗ୍ରାହୀ ବାଚସ୍ପତିଙ୍କ ପୋଡିୟମ୍‌କୁ

ଚଢ଼ିବାକୁ ଉଦ୍ୟମ କରିଥିଲେ । ବିଜେଡିର ଅନ୍ୟତମ ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରିପୋର୍ଟରଙ୍କ ଟେବୁଲ୍ ଉପରେ ଚଢ଼ି ସ୍ଲୋଗାନ୍ ଦେଇଥିଲେ । ଏହି ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଗୃହକୁ ୧୦ଟା ୪୫ ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ୧୧ଟା ୩୦ରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ଗୃହକୁ ୧୧ଟା ୪୦ରୁ ୧୧ଟା ୫୦ ଏବଂ ପୁଣି ଥରେ ୧୧ଟା ୫୦ ରୁ ୧୨ଟା ୦୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ସେହିଭଳି ଶୂନ୍ୟକାଳରେ ମଧ୍ୟ ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକ ପରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ।

## ମାଗଣା ବିଜୁଳି ଯୋଗାଣ

୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଣ ବ୍ୟବସ୍ଥା ନେଇ କୌଣସି ଘୋଷଣା କରାଯାଇ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି କେନ୍ଦ୍ରୀୟ ଯୋଜନା ଅଧୀନରେ ଛାତ ଉପରେ ସୋଲାର ପ୍ରକଳ୍ପ ସ୍ଥାପନ କରୁଥିବା ଘରଗୁଡ଼ିକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଲ୍ ଦେବାକୁ ପଡିବ ନାହିଁ । ଏ ବାବଦରେ କେନ୍ଦ୍ର ସରକାର ୩ କିଲୋୱାଟ୍  ପର୍ଯ୍ୟନ୍ତ ସୋଲାର ପ୍ରକଳ୍ପ ସ୍ଥାପନ ପାଇଁ ୭୮ ହଜାର ଟଙ୍କା ରିହାତି ପ୍ରଦାନ କରୁଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ମାସିକ ୩୦୦ ୟୁନିଟ୍‌ରୁ ଅଧିକ ବିଜୁଳି ଉତ୍ପାଦିତ

ହୋଇପାରିବ। ଏହାଦ୍ୱାରା ଉପଭୋକ୍ତା ଲାଭବାନ୍ ହେବେ ବୋଲି ସେ କହିଛନ୍ତି। ବରଗଡ ଜିଲ୍ଲାରେ ମାଗଣା ବିଜୁଳି ଶକ୍ତି ଯୋଗାଣ ଆଧାରରେ ଉପଭୋକ୍ତା ବିଜୁଳି ମିଟର ବାହାର କରିଦେଉଥିବା ଜଣାପଡୁଛି ବୋଲି ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି। ତେବେ ଏଭଳି ମିଥ୍ୟାପ୍ରଚାରକୁ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଅଣତାଲିମପ୍ରାପ୍ତ ଲୋକଙ୍କ ଦ୍ୱାରା କରାଯାଉଥିବା ଏଭଳି କାର୍ଯ୍ୟ ବିପଦ ସୃଷ୍ଟି କରିପାରେ। ଏହାଦ୍ୱାରା ସୃଷ୍ଟ ପରିସ୍ଥିତି ପାଇଁ ବିତରକ କମ୍ପାନୀ ଦାୟୀ ରହିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସିଂଦେଓ ସତର୍କ କରାଇଦେଇଛନ୍ତି। ମିଟର ବଦଳାଇବା ପାଇଁ ସ୍ୱୀକୃତିପ୍ରାପ୍ତ ବୈଷୟିକ କର୍ମଚାରୀଙ୍କର ସହାୟତା ନେବାକୁ ସେ କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ସୁଯୋଗ ନେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

## ବାର୍ଡ-ଫ୍ଲୁ

ବାର୍ଡ-ଫ୍ଲୁକୁ ରୋକିବା କରିବା ଲକ୍ଷ୍ୟରେ **ପୁରୀ** ଜିଲ୍ଲା ପିପିଲିର ୫ଟି ଫାର୍ମରୁ ଗତକାଲି ସୁଦ୍ଧା ୧୧ ହଜାର ୬୩୭ଟି କୁକୁଡାକୁ ମାରି ପୋତି ଦିଆଯାଇଛି। ଫାର୍ମଗୁଡ଼ିକୁ ସାନିଟାଇଜ୍ ମଧ୍ୟ କରାଯାଇଛି। ଚିହ୍ନଟ ହୋଇଥିବା ୫୪ଟି କୁକୁଡା ଫାର୍ମ ମଧ୍ୟରୁ ୫ଟି ଫାର୍ମର କୁକୁଡା ମରାଯାଇଥିବାବେଳେ ଅନ୍ୟ କେତୋଟି ଫାର୍ମକୁ ଛାଡିଦେଲେ ଅନ୍ୟଗୁଡ଼ିକ ଖାଲି ପଡିଛି। ଏହି ଫାର୍ମଗୁଡ଼ିକରୁ ଦୈନିକ ଶହଶହ କୁକୁଡା ମରୁଥିବା ଜଣାପଡିଛି।  ଖାଲି ପଡିଥିବା ଏହି ଫାର୍ମଗୁଡ଼ିକୁ ମଧ୍ୟ ସାନିଟାଇଜ୍ କରାଯାଉଛି।

## ବାର୍ଡ-ଫ୍ଲୁ

ବାର୍ଡ-ଫ୍ଲୁକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ମଧ୍ୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସୀମାନ୍ତ ବ୍ଲକ୍‌ଗୁଡ଼ିକରେ ରହିଥିବା କୁକୁଡା ଫାର୍ମଗୁଡ଼ିକ ଉପରେ ଅଧିକ ନଜର ରଖାଯାଇଛି। ଖଲିକୋଟ ଏବଂ ଗଞ୍ଜାମ ବ୍ଲକ୍‌ର କୁକୁଡାଫାର୍ମଗୁଡ଼ିକରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ବୋଲି ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ବାର୍ଡ-ଫ୍ଲୁର ଲକ୍ଷଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

## ଡେଙ୍ଗୁ ଚିହ୍ନଟ

ରାଜ୍ୟରେ ଏପର୍ଯ୍ୟନ୍ତ ୨ ହଜାର ୭୫୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ସେଥିମଧ୍ୟରେ ସୁନ୍ଦରଗଡ଼ରୁ ୮୬୫ ଏବଂ ଖୋର୍ଦ୍ଧାରୁ ୮୩୭ ଜଣ ଅନ୍ତର୍ଭୁକ୍ତ। ସେ କହିଛନ୍ତି, ଖୋର୍ଦ୍ଧା ଜିଲ୍ଲାର ଚିହ୍ନଟ ରୋଗୀଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୫୦୦ ଜଣ ଅଛନ୍ତି। ଏପର୍ଯ୍ୟନ୍ତ ସମଗ୍ର ରାଜ୍ୟରୁ ୭୦ ହଜାର ଲୋକଙ୍କର ଡେଙ୍ଗୁ ପରୀକ୍ଷା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

## ବିଧାନସଭା-କୋଠାବାଡି ମାମଲା

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ମୋଟ୍ ୪୯୧ଟି ବେଆଇନ୍ ନିର୍ମିତ କୋଠାବାଡି ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରୁଜୁ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ ୧୯୧ଟିକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ

ଦିଆଯାଇଛି । ଅନ୍ୟ ୬୩ଟି ମାମଲାକୁ ବନ୍ଦ କରାଯାଇଥିବାବେଳେ ୨୩୭ଟି ମାମଲା ବିଚାରାଧିନ ରହିଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ୧ ହଜାର ୪୪୪ଟି ବେଆଇନ୍ ନିର୍ମିତ କୋଠାବାଡି ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ସେଥିମଧ୍ୟରୁ ୪୫୧ଟିର ଫଇସଲା ହୋଇସାରିଥିବାବେଳେ ବକେୟା ମାମଲାଗୁଡ଼ିକ ବିଚାରାଧିନ ରହିଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି। ବେଆଇନ୍ ନିର୍ମାଣ ବିରୁଦ୍ଧରେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-୧୯୮୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି ।

## ନନ୍ଦୋତ୍ସବ

**ପୁରୀ** ଶ୍ରୀମନ୍ଦିରରେ ଆଜି ପରମ୍ପରା ଅନୁଯାୟୀ ନନ୍ଦୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ଚାଲିଛି। ସନ୍ଧ୍ୟା ଆଳତି ସରିବା ପରେ ମହାଜନ ସେବାୟତମାନେ ରାମକୃଷ୍ଣ ଓ ମଦନମୋହନଙ୍କୁ ଜଗମୋହନରେ ସ୍ଥାପନ କରାଯାଇଥିବା ଦୋଳିରେ ବିଜେ କରାଇବେ । ମଇଲମ ଏବଂ ଅନ୍ୟାନ୍ୟ ନୀତି ସରିବା ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠି ଓ ମାର୍କଣ୍ଡ ପୂଜା କରାଯିବ। ଅନ୍ୟାନ୍ୟ ନୀତିକାନ୍ତି ପରେ ଭିତରଚ୍ଛ ମହାପାତ୍ର ନନ୍ଦରାଜା ରୂପରେ ଶ୍ରୀନଅରକୁ ଯାଇ ପ୍ରତ୍ୟାବର୍ତ୍ତନ କରିବା ପରେ ସ୍ନାନମଣ୍ଡପ ଉପରେ ବସିବେ। ଏହାପରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଗାଈଦୂଆଁ ପରମ୍ପରା ଅନୁଷ୍ଠିତ ହେବ ।

ଏହି ଅବସରରେ **ସୁବର୍ଣ୍ଣପୁର** ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର, ଶ୍ୟାମସୁନ୍ଦର କୁଞ୍ଜ କୁଟୀର, ଶ୍ରୀ ଗୋପାଳଜୀଉ ମନ୍ଦିର, ଶଇନନଗରୀସ୍ଥିତ ଯୋଗେଶ୍ୱରୀ ପୀଠ ସହ ବିଭିନ୍ନ ମଠ ଏବଂ ମନ୍ଦିରରେ ରୀତିନୀତି ଅନୁଯାୟୀ ନନ୍ଦୋତ୍ସବ ଅନୁଷ୍ଠିତ ହେଉଛି। କୃଷ୍ଣ-ବଳରାମଙ୍କ ବିମାନ ଶୋଭାଯାତ୍ରାରେ ନିଆଯାଇ ପୂଜାର୍ଚ୍ଚନା କରାଯାଉଛି।

## ୧୨ ଘଣ୍ଟିଆ ବନ୍ଦ ଡାକରା

ଚକ୍ରଧର ଜଳପ୍ରକଳ୍ପକୁ ବିରୋଧ କରି ଆଜି କେନ୍ଦୁଝର ଜିଲ୍ଲା ତେଲକୋଇରେ ସକାଳ ୬ରୁ ସଂଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି। ଚକ୍ରଧର ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ତେଲକୋଇର ବହୁ ଅଞ୍ଚଳ ଜଳମଗ୍ନ ହେବାସହ ଅନେକ ପରିବାର ବାସଚ୍ୟୁତ ହେବାର ଆଶଙ୍କା ରହିଛି ବୋଲି ଚକ୍ରଧର ସମନ୍ୱୟ ସମିତିର ସଭାପତି କହିଛନ୍ତି। ଦୀର୍ଘ ୪୦ ବର୍ଷ ହେବ ତେଲକୋଇ ଅଞ୍ଚଳର ଲୋକେ ଏହାକୁ ବିରୋଧ କରି ଆସୁଥିବାବେଳେ ସରକାର ଏହି ବିରୋଧକୁ ଅଣଦେଖା କରି ପ୍ରକଳ୍ପ ପାଇଁ ବଜେଟ୍‌ରେ ଅର୍ଥ ମଞ୍ଜୁର କରିଛନ୍ତି। ଏଥିପାଇଁ ଅଞ୍ଚଳବାସୀ ଆଜି ବନ୍ଦ ପାଳନ କରିବାସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ତେଲକୋଇ ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଛନ୍ତି ବୋଲି ସମିତି ପକ୍ଷରୁ କୁହାଯାଇଛି।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରିବା ନେଇ ଏକ ତାଲିମ୍ କାର୍ଯ୍ୟକ୍ରମ ଆଜି ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍

ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ବ୍ଲକ୍‌ରେ ରହିଥିବା ମୋ ସେବା କେନ୍ଦ୍ରର ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି । ସମଗ୍ର ରାଜ୍ୟରେ ଆସନ୍ତାମାସ ପହିଲାରୁ ଏହି ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି ।

## ପାଣିପାଗ

ବାଂଲାଦେଶ ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭନ୍ନ ଅଞ୍ଚଳରେ ବର୍ଷା ଲାଗିରହିଛି । ପ୍ରବଳ ବର୍ଷା ହେବା ନେଇ  ଆଗାମୀ ୨୪ ଘଣ୍ଟା ପାଇଁ ରାଜ୍ୟର ୮ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି - ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ।

ଗତ ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁରରେ ସର୍ବାଧିକ ୧୦୬ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

**********************************